OPEN ACCESS

*Int. Jr. of Contemp. Res. in Multi.* *PEER-REVIEWED JOURNAL* *Volume 5 Issue 1 [Jan- Feb] Year 2026*

International Journal of Contemporary Research In Multidisciplinary

*Research Article*

# ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ମାର୍କସୀୟ ଚେତନା

**ଡକ୍ଟର ଶ୍ରୀକାନ୍ତ କୁମାର ବାରିକ**

ସହକାରୀ ପ୍ରଫେସର, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ସରକାରୀ ମହାବିଦ୍ୟାଳୟ ବଲାଙ୍ଗିର, ଓଡ଼ିଶା, ଭାରତ

**Corresponding Author:** *ଡକ୍ଟର ଶ୍ରୀକାନ୍ତ କୁମାର ବାରିକ

**DOI:** https://doi.org/10.5281/zenodo.20542836

**ସାରାଂଶ**

ମାର୍କ୍ସବାଦ ହେଉଛି ବିଜ୍ଞାନ ସମ୍ମତ ସମାଜ - ଅର୍ଥନୀତିକ ସିଦ୍ଧାନ୍ତ (Socio- Economical Theory); ଯେଉଁଥିରେ ବୁର୍ଜ୍ଜୁଆ ଗୋଷ୍ଠୀର ଶୋଷଣ ନୀତି ଓ ତାର ପ୍ରବୃତ୍ତିକୁ ବିରୋଧ କରିବା ସହିତ ଏକ ଶ୍ରେଣୀହୀନ ସମାଜର ପ୍ରତିଷ୍ଠା ଲାଗି ସ୍ୱର ଉତ୍ତୋଳନ କରାଯାଇଥାଏ। ଏହା ସହିତ ଜନସାଧାରଣଙ୍କ ଭୂମି, ଶିଳ୍ପ, ସଂସ୍କୃତି, କଳା ଓ ସମାଜ ଅର୍ଥନୀତିକ ସଂକଟକୁ ଅତି ସୂକ୍ଷ୍ମାତିସୂକ୍ଷ୍ମ  ଭାବେ ବିଶ୍ଳେଷଣ କରି ଏକ ମୁକ୍ତିର ବାଟ ଫିଟାଏ। ଓଡ଼ିଆ ସାହିତ୍ୟରେ ଏହି ଚେତନାକୁ ଆଧାର କରି ୧୯୩୫ ମସିହାରୁ ଏଯାବତ୍ ଅନେକ ପ୍ରବନ୍ଧ ଲେଖା ହୋଇଛି।ମାର୍କ୍ସୀୟ ବିଚାରର ବିଭିନ୍ନ ଦିଗ ଯେପରି - ଦ୍ୱନ୍ଦ୍ୱାତ୍ମକ ବସ୍ତୁବାଦ, ଶ୍ରେଣୀ ସଂଘର୍ଷ ତତ୍ତ୍ୱ, ଐତିହାସିକ ବସ୍ତୁବାଦ, ସାମ୍ୟବାଦ, ବିପ୍ଳବ ଆଦିକୁ ଭାବପ୍ରସ୍ତ ଭାବରେ ଗ୍ରହଣ କରି ଆମ ପ୍ରାବନ୍ଧିକମାନେ ନୂତନ ବିମର୍ଷ ତିଆରି କରିଛନ୍ତି । ଆଲୋଚ୍ୟ ପ୍ରବନ୍ଧର ଉଦ୍ଦେଶ୍ୟ ହେଉଛି ଏହାର ଗୁଣସୂତ୍ର ନିର୍ଣ୍ଣୟ।

**Manuscript Information**

- **ISSN No:** 2583-7397
- **Received:** 04-01-2026
- **Accepted:** 25-02-2026
- **Published:** 28-02-2026
- **IJCRM:**5(1); 2026: 950-953
- **©2026, All Rights Reserved**
- **Plagiarism Checked:** Yes
- **Peer Review Process:** Yes

**How to Cite this Article**

ଡକ୍ଟର ଶ୍ରୀକାନ୍ତ କୁମାର ବାରିକ. ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ମାର୍କସୀୟ ଚେତନା. Int J Contemp Res Multidiscip. 2026;5(1):950-953.

**Access this Article Online**

www.multiarticlesjournal.com

**ପ୍ରମୁଖ ଶବ୍ଦାବଳୀ :** ମାର୍କ୍ସବାଦ, ଓଡ଼ିଆ ପ୍ରବନ୍ଧ ସାହିତ୍ୟ, ଶ୍ରେଣୀ ସଂଘର୍ଷ ତତ୍ତ୍ୱ, ସାମ୍ୟବାଦ, ଐତିହାସିକ ବସ୍ତୁବାଦ।



© 2026 ଡକ୍ଟର ଶ୍ରୀକାନ୍ତ କୁମାର ବାରିକ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

## ପରିଚୟ

**ମାର୍କସୀୟ ଚେତନାର ପରିସର ପୃଷ୍ଠଭୂମି ଓ ଓଡ଼ିଆ ପ୍ରବନ୍ଧରେ ତାର ପ୍ରତିଫଳନ:**

ସମଗ୍ର ବିଶ୍ୱର ଦର୍ଶନ, ରାଜନୀତି ,ଅର୍ଥନୀତି ,ଇତିହାସ ,ସମାଜ ବିଜ୍ଞାନ ,କଳା ଓ ସାହିତ୍ୟ ଆଦି କ୍ଷେତ୍ରରେ ଆତ୍ମପ୍ରକାଶ କରିଥିବା ଯୋଗାନ୍ତକାରୀ ମତବାଦ ହେଉଛି 'ମାର୍କ୍ସବାଦ'। ଦ୍ୱନ୍ଦାତ୍ମକ ବସ୍ତୁବାଦୀ ଦର୍ଶନ (Dialectical Materialistic Philosophy) ରାଜନୈତିକ ଅର୍ଥନୀତି (Political Economy ) ଓ ବୈଜ୍ଞାନିକ ସମାଜବାଦ ( Scientifical Socialism ) ଏକ ଅଖଣ୍ଡ ଦୃଷ୍ଟି କୋଣ ନେଇ ମାର୍କ୍ସବାଦରେ ରୂପାୟିତ ହୋଇଛି । ବିଗତ ଦେଢଶହ ବର୍ଷରୁ ଉର୍ଦ୍ଧ୍ୱ କାଳ ଧରି ମାର୍କ୍ସବାଦ ସମଗ୍ର ବିଶ୍ୱରେ ଶ୍ରମିକ ଆନ୍ଦୋଳନ ,ରାଜନୈତିକ ବିପ୍ଳବ,ସାମାଜିକ ସାମ୍ୟତା ଓ ଅର୍ଥନୈତିକ ପୁନର୍ଗଠନକୁ ଅନୁପ୍ରାଣିତ କରିଛି । ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଏହି ଶ୍ରେଷ୍ଠ ମତବାଦର ଉଦ୍ଭବ ହୋଇଥିଲା । କାର୍ଲ ହେନେରୀଚ ମାର୍କ୍ସ (୧୮୧୮ – ୧୮୮୩)ହେଉଛନ୍ତି ଏହାର ପ୍ରବର୍ତ୍ତକ । ବିଶ୍ୱ ଇତିହାସର ଏକ ଘଡିସନ୍ଧି ମୁହୂର୍ତ୍ତରେ ସେ ଜନ୍ମ ନେଇଥିଲେ । ସାମନ୍ତବାଦର ଅବସାନ ଘଟିଥିଲା ଓ ପୁଞ୍ଜିବାଦର ଅଭ୍ୟୁଦୟ ଥିଲା ଅବଶ୍ୟମ୍ଭାବୀ ।ପ୍ରଥାସିଦ୍ଧ ଚିନ୍ତା ଚେତନା ଧୀରେ ଧୀରେ ଅପସରି ଯାଉଥିଲା ଓ ନୂତନତାର ଆବିର୍ଭାବ ଥିଲା ସ୍ପଷ୍ଟ ଓ ଅପ୍ରତିହତ ।ମାର୍କ୍ସଙ୍କ ଏହି ଶ୍ରେଷ୍ଠ ମତବାଦ ମନ୍ତ୍ରନାଦରେ ସାମାଜିକ,ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ପୁରାତନର ବିଦାୟ ଓ ନୂତନର ଆବାହନ ଘୋଷଣା କଲା । ଏହି ମାର୍କ୍ସବାଦ କେତେକ ମୌଳିକ ଓ ନୂତନତ୍ତ୍ୱ ଉପରେ ଆଧାରିତ। ସେଗୁଡିକ ହେଲା – ବସ୍ତୁବାଦୀ ଦୃଷ୍ଟିଭଙ୍ଗୀରୁ ଇତିହାସର ବ୍ୟାଖ୍ୟା ( Materialistic Interpretation of History ) ଶ୍ରେଣୀ ସଂଘର୍ଷ ତତ୍ତ୍ୱ (Class Struggle Theory ) ଉଦବୃତ୍ତ ମୂଲ୍ୟତତ୍ତ୍ୱ (Theory of surplus Values ) ଶ୍ରେଣୀହୀନ ସମାଜ ପ୍ରତିଷ୍ଠା ( Establishment of classless society ) । ପୁଞ୍ଜିର ସମବଣ୍ଟନ ନିୟମ ( Distributes of capital ) ବୈପ୍ଳବିକ ତତ୍ତ୍ୱ (Revoration any Theory ) ଇତ୍ୟାଦି । ଏହିଭଳି ଏକ ଶ୍ରେଷ୍ଠ ମତବାଦ ମାଧ୍ୟମରେ ନୂତନ ସମାଜର, ନୂତନ ଜୀବନ ଧାରାର, ଅର୍ଥନୀତିକ ଅଗ୍ରଗତିର ଏବଂ ଦଳିତ, ନିଷ୍ପେଷିତ, ଶ୍ରମିକ,କୃଷକ ଓ ସର୍ବହରାର ସମାଜରେ ଉପଯୁକ୍ତ ସ୍ଥାନ,ମହତ୍ତ୍ୱ ଓ ମର୍ଯ୍ୟାଦା ପ୍ରତିଷ୍ଠାର ଶୁଭାରମ୍ଭ ହୋଇଥିଲା । ସେଥିପାଇଁ ଆଜି ମଧ ସମଗ୍ର ବିଶ୍ୱରେ ମାର୍କ୍ସବାଦର ଅପରିହାର୍ଯ୍ୟତାକୁ ସହଜେ ଉପଲବ୍ଧି କରିହୁଏ । ଓଡ଼ିଆ ସାହିତ୍ୟରେ ମାର୍କ୍ସବାଦକୁ ଆଧାର କରି ବିଶେଷ ଭାବରେ ୧୯୩୪ ମସିହା ପରଠାରୁ ପ୍ରବନ୍ଧମାନ ପ୍ରକାଶିତ ହୋଇଥିଲା । ସେତେବେଳେ ଭାରତବର୍ଷର ଅନ୍ୟାନ୍ୟ ରାଷ୍ଟ୍ରମାନଙ୍କ ପରି ଓଡିଶାରେ କମ୍ୟୁନିଷ୍ଟପାର୍ଟି ଏକ ସଂଗଠିତ ଶକ୍ତିଶାଳୀ ରାଜନୈତିକ ଦଳ ଭାବରେ ଆତ୍ମପ୍ରକାଶ କରି ନଥାଏ । ତେଣୁ ଅତି ସତର୍କତାର ସହିତ କମ୍ୟୁନିଷ୍ଟପାର୍ଟି ଓଡିଶାରେ ଗୋପନ ଭାବରେ କାର୍ଯ୍ୟ କରୁଥାଏ । ସେ ସମୟରେ ପ୍ରକାଶ ପାଇଥିବା ସାରଥି, ଆଧୁନିକ, କୃଷକ, ମୁକ୍ତିଯୁଦ୍ଧ, ସହକାର, ନବଭାରତ ଆଦି ସାମ୍ୟବାଦୀ ପତ୍ରିକା ଗୁଡିକରେ ପତ୍ରସ୍ଥ ବହୁ ପ୍ରବନ୍ଧରେ ମାର୍କ୍ସବାଦର ଦର୍ଶନ ଓ ସୂତ୍ରଗୁଡ଼ିକର ସୂକ୍ଷ୍ମାତିସୂକ୍ଷ୍ମ ଆଲୋଚନା ପରିଲକ୍ଷିତ ହୁଏ । କିନ୍ତୁ ସାଂପ୍ରତିକ ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ଯେତେବେଳେ ମାର୍କ୍ସବାଦୀ ଚେତନାର ଆଲୋଚନା କରୁଛେ, ସେତେବେଳେ ପ୍ରଥମେ ଗୁରୁତ୍ୱ ଦେବାକୁ ହେବ ଯେ କେଉଁଭଳି ପରିବେଶ, ପରିସ୍ଥିତି ଓ ଚିନ୍ତା ଚେତନାର ସଂଘର୍ଷରେ ସମ୍ପ୍ରତି ଓଡ଼ିଆ ପ୍ରବନ୍ଧରେ ଏହି ଶ୍ରେଷ୍ଠ ଚେତନା ବିକାଶ ଲାଭ କରିଥିଲା । ଯେଉଁ ସମୟକୁ ଆମେ ସାମ୍ପ୍ରତିକତା ବୋଲି କହୁଛୁ ତାହା ସ୍ୱାଧୀନତା ପରବର୍ତ୍ତୀ କାଳରେ ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ଦେଖା ଦେଇଛି । ୧୯୪୭ ମସିହା ପର୍ଯ୍ୟନ୍ତ ସାଂପ୍ରତିକ ଚେତନା ବୋଲି କୌଣସି ବିଧିବଦ୍ଧ ସଚେତନ ଅବସ୍ଥା ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ଉପୁଜି ନଥିଲା । ଆମ ପରାଧୀନତାରୁ ମୁକ୍ତ ହେବା ପରେ ବିଧଚେତନା ପ୍ରତି ସଚେତନ ହୋଇଛୁ । ପୁଣି ଆମର ଓଡ଼ିଆ ପ୍ରାବନ୍ଧିକଗଣ ସଞ୍ଜୟର ଦୃଷ୍ଟି ନେଇ ଇଂଲଣ୍ଡ, ଆମେରିକା, ଫ୍ରାନ୍ସ, ରୁଷ, ଜର୍ମାନ ପ୍ରଭୃତିର ସାହିତ୍ୟ କୁରୁକ୍ଷେତ୍ର ଚେତନାର ଉର୍ବର ଭୂମି ଭାବରେ ଗ୍ରହଣ କରିନେଇଛନ୍ତି । ତା ସହିତ ବହୁ ପ୍ରତ୍ୟାଶିତ ସ୍ୱାଧୀନତା ଲାଭ ପରେ ଭାରତରେ ନାନା ବିବର୍ତ୍ତନର ସୂତ୍ରପାତ ଘଟିଛି । ସ୍ୱାଧୀନତା ପ୍ରାପ୍ତି ପରେ ଏ ଦେଶରେ ସବୁ କିଛି ଓଲଟପାଲଟ ହୋଇଯିବ, ରାମରଜ୍ୟ ସ୍ଥାପିତ ହେବ, ଏ ଦେଶରୁ ଦାରିଦ୍ର୍ୟ ଅପସରି ଯିବ- ସ୍ୱାଧୀନ ଭାରତବାସୀ ଏ ଯେଉଁ ସୁନାସିଂହର ସ୍ୱପ୍ନ ଦେଖିଥିଲେ ତାହା ସମୟ ସ୍ରୋତରେ ରାଜନୀତିକ ହଟଚମକ ଓ ନେତାମାନଙ୍କ ସ୍ୱାର୍ଥନ୍ୱେଷୀ ହାବଭାବ ଭିତରେ କୁଆଡେ ହଜିଗଲା । ଆଶାତୀତ ଭାବରେ ଏ ସମୟରେ ଚୋରୀ, ନାରୀ, ବ୍ୟଭିଚାର, ଧର୍ଷଣ, ଲୁଣ୍ଠନ, ଦୁର୍ନୀତି, ଯୌତୁକ ଜନିତ ହତ୍ୟା, ଅର୍ଥ ଲାଳସା ଅପମିଶ୍ରଣ, ପ୍ରବଞ୍ଚନ, ପ୍ରଚାରଧର୍ମିତା ଓ ଅମାନୁଷିକ ଅତ୍ୟାଚାର ବଢି ଚାଲିଲା । ଗୋଟିଏ ପଟେ କ୍ଷୁଧା ତୃଷ୍ଣାରେ ମଣିଷର ଆର୍ତ୍ତନାଦ, ଅପର ପକ୍ଷରେ ଆର୍ଥିକ ସ୍ୱଚ୍ଛଳତାରେ ମଣିଷର ସୁଖ ଭୋଗ ଓ ବିଳାସ ଏହିଭଳି ଏକ ବିରୋଧାଭାସ (paradox ) ଭିତରେ ସାଂପ୍ରତିକ ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ମାର୍କ୍ସବାଦୀ ଚେତନା ବିକାଶ ଲାଭ କରିଥିଲା । ଏହି ସମୟରେ ପ୍ରକାଶିତ ଶତାବ୍ଦୀ, ସଂକେତ, ନୂଆ ଦୁନିଆ, ଅଗ୍ନିବୀଣା, ଅଭିଯାତ୍ରୀ, ଆଭା, ଜ୍ୱାଳା, ଶିଖା, ସ୍ଫୁଲିଙ୍ଗ, ଚତୁରଙ୍ଗ ଆଦି ପତ୍ରିକାମାନଙ୍କରେ ପ୍ରକାଶ ଲାଭ କରିଥିବା ଅନେକ ପ୍ରବନ୍ଧ ମାର୍କ୍ସବାଦୀ ଚେତନାକୁ ସାଧାରଣ ପାଠକ ନିକଟରେ ପଞ୍ଚାଇବା ସହିତ ତତ୍କାଳୀନ ରାଜନୈତିକ-ସାମାଜିକ-ଅର୍ଥନୈତିକ ସମସ୍ୟା ଓ ବିଶ୍ୱଯୁଦ୍ଧର ଘନଘଟାକୁ ଦେଖେଇବାରେ ସଫଳ ହୋଇଥିଲା ।

ସାଂପ୍ରତିକ କାଳରେ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ମାର୍କ୍ସବାଦୀ ବିଚାରଧାରାର ପ୍ରବନ୍ଧ ମାନ ରଚିତ ହୋଇଛି । ଏ କ୍ଷେତ୍ରରେ ଗୁରୁଚରଣ ପଟ୍ଟନାୟକଙ୍କର 'କମ୍ୟୁନିଜିମ କ'ଣ', 'ମାର୍କ୍ସ ଓ ମାର୍କ୍ସବାଦ', 'ସାହିତ୍ୟର ଗତି ଓ ପ୍ରଗତି', ' ସୃଷ୍ଟି,ଦୃଷ୍ଟି,କୃଷ୍ଟି', ' ମାର୍କ୍ସ ଓ ଶ୍ରେଣୀ ସଂଗ୍ରାମ', ଗୋକୁଳ ରାୟ ଚୁଡାମଣୀଙ୍କ 'ସାମ୍ୟବାଦର ଲକ୍ଷ୍ୟ','ଚାଷୀ ମୂଲିଆ ଶାସନ', 'ଇତିହାସର ପଦକ୍ଷେପ',ସଚ୍ଚିଦାନନ୍ଦ ରାଉତରାୟଙ୍କ 'ପ୍ରେମ ଓ ପଣ୍ୟ', 'ପୃଥିବୀର ଦୁଃସ୍ୱପ୍ନ', 'ଜନସାଧାରଣଙ୍କ ସାହିତ୍ୟ' ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କ 'ସାମ୍ୟବାଦ କାହିଁକି ଲୋଡା',ରାମ ପ୍ରସାଦ ସିଂହଙ୍କ 'ଆର୍ଟର ଭବିଷ୍ୟତ', 'ଫାସିଷ୍ଟ ଡିକ୍ଟେଟର ଓ ଯୁଦ୍ଧ', ମୋହନ ଦାସଙ୍କ 'ସାମ୍ୟବାଦ ଆତଙ୍କ', 'ସାହିତ୍ୟର ଧାରା କ'ଣ', ମୋହନ ମିଶ୍ରଙ୍କ 'ଗଲା ମହାଯୁଦ୍ଧ ଓ ତା'ପରେ', 'ଫାସିଷ୍ଟ ବାଦ କ'ଣ ?', ଲକ୍ଷ୍ମୀଧର ନାୟକଙ୍କ 'ସାହିତ୍ୟ ଓ ପ୍ରଗତି' , ବିଶ୍ୱନାଥ ପଶାୟତଙ୍କ 'ମାନବ ସମାଜର କ୍ରମ ପରିଣତି' , ରଘୁନାଥ ଦାସଙ୍କ 'ରାଜନୀତି ଆଉ ଆମେ' ,'ସଭ୍ୟତାର ଆଗେ' , 'ବିପ୍ଳବର ଇତିହାସ' , ଗୋବିନ୍ଦ ଚନ୍ଦ୍ର ମହାନ୍ତିଙ୍କ 'ସେଦିନର ଅନ୍ଧକାର ଭିତରୁ' , 'ରୁଷ ବିପ୍ଳବ' , କୃଷ୍ଣ ପ୍ରସାଦ ପଟ୍ଟନାୟକଙ୍କ 'ଅରଣ୍ୟରେ ଅପରାହଣ', 'ଫାସିଷ୍ଟବାଦର ଜନ୍ମକଥା', ନଟବର ସାମନ୍ତରାୟଙ୍କ 'ଓଡ଼ିଆ ପ୍ରଗତିଶୀଳ ସାହିତ୍ୟ', ଡ. କୃଷ୍ଣଚରଣ ବେହେରାଙ୍କ 'ସାହିତ୍ୟ ଜୀବନ ପାଇଁ : କଳା ପାଇଁ ନୁହେଁ', 'ସୋଭିଏତ ସାହିତ୍ୟର ଶୁଭଦାନ', ଜଳଧର ନନ୍ଦଙ୍କ 'ଦ୍ୱାନ୍ଦାତ୍ମକ ବସ୍ତୁବାଦ', 'ଦ୍ୱନ୍ଦ' ରବି ସିଂହଙ୍କ 'ଓଡ଼ିଆ ସାହିତ୍ୟରେ ମାକ୍ସବାଦୀ ଚେତନା',ଅବନୀ କୁମାର ବରାଳଙ୍କ 'ସୋଭିଏତ ରୁଷର ସାହିତ୍ୟିକ', 'ସାହିତ୍ୟରେ ସମାଜ ବାଦୀ ଚେତନାଧାରା', ଲକ୍ଷ୍ମୀ ନାରାୟଣ ରାୟସିଂହଙ୍କ ' ମାର୍କ୍ସମ ଗର୍କୀ ଓ ଭାରତବାସୀ', ଫସିବାଦର କବଳରେ ଶିକ୍ଷା ଓ ସଂସ୍କୃତି',ବାସୁଦେବ ସାହୁଙ୍କ 'ମାର୍କ୍ସବାଦ ଯୁଗାନ୍ତକାରୀ ଚେତନା ଓ ଚିରନ୍ତନ ମୂଲ୍ୟବୋଧ', ବୈଷ୍ଣବ ଚରଣ ସାମଲଙ୍କର 'Revolutionary Trend in Oriya literature', 'Group consciousness in Oriya literature' , 'ଆଧୁନିକ ଓଡିଆ କବିତାରେ ଲେଲିନ', ନଟବର ଶତପଥିଙ୍କ 'ପରଜା ଓ କଳାଚେତନରେ ଶ୍ରେଣୀ ସଂଘର୍ଷ', ରଘୁନାଥ ଦାସଙ୍କ 'ପରିକ୍ରମା' ରବୀନ୍ଦ୍ରନାଥ ସାହୁଙ୍କ 'ମାର୍କସୀୟ ନନ୍ଦନ ତତ୍ତ୍ୱ' ଗଙ୍ଗାଧର ରଥଙ୍କ , 'ମଜୁରିଆ ଗଣତନ୍ତ୍ର' ଆଦି ଅନେକ ପ୍ରବନ୍ଧରେ ମାର୍କସୀୟ ଦର୍ଶନ ଓ ସାହିତ୍ୟ ସିଦ୍ଧାନ୍ତର ମୁଦ୍ରାଙ୍କ ବେଶ ସ୍ପଷ୍ଟ ଭାବରେ ପ୍ରତିଫଳିତ ହୋଇଛି । ମାର୍କ୍ସବାଦ କହେ ସାହିତ୍ୟ ସମସ୍ତ ପାରମ୍ପରିକ


© 2026 ଡକ୍ଟର ଶ୍ରୀକାନ୍ତ କୁମାର ବାରିକ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ସାମନ୍ତବାଦୀ ଭାବନା ଓ କଳ୍ପନାର ପ୍ରାଧାନ୍ୟକୁ ଭାଙ୍ଗିଦେଇ ଶାନ୍ତି ଓ ସମାଜବାଦ ଦିଗରେ ମଣିଷ ସମାଜର ଦୃଢ଼ ଓ ଅବିରାମ ଅଗ୍ରଗତିର ସଂଗ୍ରାମରେ ଲୋକମାନଙ୍କୁ ସଚେତନ ଓ ସମବେତ କରିବା । ଏହି ମାର୍କସୀୟ ଦର୍ଶନରେ ପ୍ରଭାବିତ ହୋଇ ପ୍ରାବନ୍ଧିକ ଗୁରୁଚରଣ କହନ୍ତି "ଲେଖକଟିଏ ଯେତେ ଚେଷ୍ଟା କଲେ ବି ସାମାଜିକ ଦ୍ୱନ୍ଦ ଓ ବିକାଶ ଧାରାର ନିୟମ ମଧ୍ୟରୁ ବିଚ୍ଛିନ୍ନ ହୋଇପାରେ ନାହିଁ । ତେଣୁ ସେ ସମାଜର ଅଗ୍ରଗତିକୁ ଆଖି ଆଗରେ ରଖି ନୂତନ ଯୁଗର ସ୍ରଷ୍ଟା ହେବା ଉଚିତ । ମନୁଷ୍ୟର ପାରମ୍ପରିକ ତଥା ଐତିହାସିକ ଦୃଷ୍ଟିଭଙ୍ଗୀ ଓ ସାମାଜିକ ବିଚାର ବୋଧକୁ ଭାଙ୍ଗିଦେବା ଦରକାର । ତା' ନହେଲେ ସେ ବ୍ୟାଧିଗ୍ରସ୍ତ କ୍ଷୟିଷ୍ଣୁ ସମାଜର ପଛରେ ଧାଇଁବା ହିଁ ସାର ହେବ । " ( ଲେଖା ଓ ଲେଖକ,ଓଡିଆ ସାହିତ୍ୟର ମତି ଓ ଗତି ୧୯୭୮ ) ମାର୍କ୍ସବାଦୀ ସିଦ୍ଧାନ୍ତ ଏବଂ ତତ୍ତ୍ୱର ବିଶ୍ଳେଷଣ କରି ପ୍ରତ୍ୟେକ ଅଗ୍ରଗାମୀ ବୈପ୍ଳବିକ ସାହିତ୍ୟରେ ଏହି ସବୁର ପ୍ରତିଫଳନକୁ ପ୍ରାବନ୍ଧିକ ଗୁରୁଚରଣ ପଟ୍ଟନାୟକ ଲକ୍ଷ୍ୟ କରିଛନ୍ତି । ଏଠାରେ ତାଙ୍କ 'ସୃଷ୍ଟି,ଦ୍ରୁଷ୍ଟି ଓ କୃଷ୍ଟି' ପ୍ରବନ୍ଧ ସଙ୍କଳନର 'ସାହିତ୍ୟ ଓ ସ୍ୱାଧୀନତା' ପ୍ରବନ୍ଧକୁ ଲକ୍ଷ୍ୟ କରାଯାଇପାରେ । ଏଥିରେ ସେ ଆଲୋଚନା କରିଛନ୍ତି ଯେ ସାହିତ୍ୟ ସମାଜ ମଧ୍ୟରୁ ଜାତ ହେଲେ ମଧ ତା'ର ଏକ ସ୍ୱତନ୍ତ୍ର ସତ୍ତା ରହିଛି । ତାହା ଏକ ବିରାଟ ଶକ୍ତି । ଏହା ସମାଜ ଦ୍ୱାରା ପରିଚାଳିତ ହେଲେ ମଧ ସମାଜକୁ ପ୍ରଭାବିତ କରେ । ପ୍ରାବନ୍ଧିକ କହନ୍ତି - " ଯେଉଁ ଐତିହାସିକ ବିକାଶ ଭିତର ଦେଇ ସ୍ୱାଧୀନତାର ଜନ୍ମ ଓ ବିକାଶ ଠିକ୍ ତାର ଭିତରେ ସାହିତ୍ୟ ଜନ୍ମ ଲାଭ କରିଛି ଓ ବିକାଶ ଲାଭ କରିଛି। ଦୁହେଁ କେବଳ ସମତାଳରେ ନୁହେଁ, ସମଲକ୍ଷ୍ୟରେ ଗତି କରନ୍ତି। ମନୁଷ୍ୟ ଚରମ ବିକାଶ, ମାନବିକତାର ଅବାଧ ଉପଲବ୍ଧି ଆଉ ପରିପୂର୍ଣ୍ଣ ଆନନ୍ଦ ଏଇ ଦିଗରେ ସ୍ୱାଧୀନତା ଲର ସଂଗ୍ରାମ ଓ ସାହିତ୍ୟର ଅବିଶ୍ରାନ୍ତ ଉଦ୍ୟମ ।" ପ୍ରାବନ୍ଧିକ ପଟ୍ଟନାୟକ ମାର୍କ୍ସବାଦର ଅପରିହାର୍ଯ୍ୟତାକୁ ଏହିଭଳି ବୃହତ୍ତର ଦୃଷ୍ଟିରୁ ବିଚାର କରିଛନ୍ତି।

ସାହିତ୍ୟରେ ସର୍ବଦା ନୂତନ ଓ ପୁରାତନ ମଧ୍ୟରେ ସଂଘର୍ଷ ଲାଗିରହିଛି। ପୁରାତନ ସାହିତ୍ୟ ଅର୍ଥଗୃଧ୍ନୁ ଭୋଗବାଦୀ ଭାବକୁ ଆଶ୍ରୟ କରି ଏହା ଗଢ଼ି ଉଠିଥାଏ। ଏଥିରେ ବିପୁଳ ବ୍ୟାପକ ଜୀବନ ସନ୍ଦେଶ ନାହିଁ।କିନ୍ତୁ ନୂତନ ସାହିତ୍ୟ ବୈପ୍ଳବିକ ଚେତନାର ପୃଷ୍ଠଭୂମିରେ ଦଣ୍ଡାୟମାନ ହୋଇଥାଏ। ସମାଜର ପ୍ରଗତି କ୍ଷେତ୍ରରେ ଏହାର ଅପରିହାର୍ଯ୍ୟତା ଅବଶ୍ୟକ। ଏ ନୂତନ ସାହିତ୍ୟ ହେଉଛି ମାର୍କସୀୟ ସାହିତ୍ୟ। ଏ ପ୍ରସଙ୍ଗରେ ପ୍ରାବନ୍ଧିକ ଅନନ୍ତ ପଟ୍ଟନାୟକ କହନ୍ତି -" ପୁରାତନ ସାହିତ୍ୟ ହିଂସକ,ମାର୍କ୍ସବାଦୀ ସାହିତ୍ୟ ନିର୍ଭୀକ। ପୁରାତନ ମରଣୋନ୍ମୁଖୀ ତେଣୁ ମରଣ କାମୁଡ଼ା ହେଉଛି ତା'ର ଲକ୍ଷ୍ୟ। ନୂତନ ସାହିତ୍ୟ ଆଗେଇ ଚାଲୁଛି - ଆକ୍ରମଣର ସାମ୍ନା କରି ନିର୍ଭୀକ ବିପକ୍ଷରେ । ପୁରାତନ ରକ୍ଷଣଶୀଳ ସାହିତ୍ୟ ଶୋଷଣକୁ ସତ୍ୟ ବୋଲି ଓ ଦାନକୁ ଧର୍ମ ବୋଲି ପ୍ରତିପାଦନ କରିବାପାଇଁ ଚେଷ୍ଟା କରୁଛି। ଆଜି ସେଥିପାଇଁ ନିପୀଡିତ ଜନସାଧାରଣଙ୍କର ଆଶା - ଆକାଂକ୍ଷାକୁ ଓ ନୂତନ ଜୀବନର ଲକ୍ଷ୍ୟକୁ ରୂପାୟିତ କରି ଆସନ୍ନ ଭରା ଜୀବନର ଆଗମନୀ ମାର୍କସୀୟ ସାହିତ୍ୟ ମେଘ ମହ୍ଲାର କଣ୍ଠରେ ଗାନ କରୁଛି।"( ସାହିତ୍ୟର ଧାରା କଣ ନୂଆଁ ଦୁନିଆଁ - ୧୯୫୪)

ସାଂପ୍ରତିକ ଓଡ଼ିଆ ମାର୍କ୍ସବାଦୀ ପ୍ରାବନ୍ଧିକଗଣଙ୍କ ଦୃଷ୍ଟିରେ ବିପ୍ଳବୀ ହେଉଛି ନୂଆ ସମାଜର ବିନ୍ଧାଣୀ। ସେ ପ୍ରଚଳିତ ସମାଜର ଜୀର୍ଣ୍ଣ ସୌଧକୁ ଧ୍ୱଂସ କରିବା ପାଇଁ ଆହ୍ୱାନ ଦିଏ। ଯେଉଁଠି ସ୍ଥିତାବସ୍ଥାରେ ଗୁଣାତ୍ମକ ପରିବର୍ତ୍ତନ ସଂଗଠିତ ହୁଏ ସେଇଠି ବିପ୍ଳବ ଦେଖାଦିଏ। ଏହାର ପଶ୍ଚାତ ପଟରେ ଥାଏ ନୂଆ ସମାଜର ପରିକଳ୍ପନା , ଯାହା ସ୍ୱଷ୍ଟ ନୂତନ ମୂଲ୍ୟବୋଧ ଉପରେ ପ୍ରତିଷ୍ଠିତ। ପ୍ରାବନ୍ଧିକ ରଘୁନାଥ ଦାସ ମଧ ସେଇକଥା କହିଛନ୍ତି -" ପ୍ରାଚୀନ ସମାଜର ଗ୍ରନ୍ଥି ଛିଣ୍ଡାଇ ନବଯୁଗ,ଯେବେ ଜନ୍ମ ଲାଭ କରେ , ରକ୍ତସ୍ରାବ ସେତେବେଳେ ଅନିର୍ବାଯ୍ୟ ହୋଇପଡ଼େ। କିନ୍ତୁ ନବ ଜାତକର ଜନ୍ମ ଲାଗି ଏହା ଯେ ଏକାନ୍ତ ଆବଶ୍ୟକ। ବିପ୍ଳବୀ ତେଣୁ ଏହି ପ୍ରସୂତି ଯନ୍ତ୍ରଣାରେ ଆତଙ୍କିତ ହୁଏ ନାହିଁ। ବିପ୍ଳବ ହିଁ ସୃଷ୍ଟିର ଛନ୍ଦ। ଏ ବିଷୟରେ ତାର ଧାରଣା ଧ୍ରୁବ ନିଶ୍ଚିତ।"( ବିପ୍ଳବ ର ଇତିହାସ - ଅଗ୍ନିବୀଣା - ଜାନୁୟାରୀ ୧୯୭୪)

ପୁଞ୍ଜିପତିମାନେ ଜାତୀୟତା ନାମରେ ଯୁଦ୍ଧ ଚଳାନ୍ତି, ସାମ୍ରାଜ୍ୟ ଗଢ଼ନ୍ତି, ଅନ୍ୟ ଦେଶର ଲୋକଙ୍କୁ ଶୋଷଣ କରି ନିଜେ ଦେଶରେ ସାମ୍ରାଜ୍ୟର ଗର୍ବ କରନ୍ତି। ଏମାନେ ଅର୍ଥ ପିଚାଶ। ତେଣୁ ବିପ୍ଳବର ଚରମ ଲକ୍ଷ୍ୟ ହେଉଛି ଏହି ପୁଞ୍ଜିବାଦୀମାନଙ୍କ ପାଖରୁ ସର୍ବହରା ଶ୍ରେଣୀର ଅଧିକାର ବଳପୂର୍ବକ ଦଖଲ କରିବା ଓ ଦାସ ସମାଜକୁ ଭାଙ୍ଗି ଶ୍ରେଣୀ ବିହୀନ ସମାଜ ଗଠନ କରିବା। ଶ୍ରେଣୀ ବିହୀନ ସମାଜ ଦର୍ଶନର ପ୍ରବର୍ତ୍ତକ ମନିଷୀ କାର୍ଲମାର୍କ୍ସ କହନ୍ତି -" The history of all hitherto exisiting,society is the history of class struggles in a wordm,oppressor and oppressedm, stood in constant,opposition to one another, carried on an uniterropeted how hidden , now open fight, a fight that each time ended, either in a revolutionary reconstitutions of society at large or in the common ruin of the contending class ."

ଏହିଭଳି ମହତ ଦୃଷ୍ଟିକୋଣରୁ ମାର୍କ୍ସବାଦୀ ପ୍ରାବନ୍ଧିକଗଣ ବୈପ୍ଳବିକ ଚେତନାର ଅପରିହାର୍ଯ୍ୟତାକୁ ସ୍ୱୀକାର କରନ୍ତି।
ଏହି ଭାବଧାରାର ପ୍ରାବନ୍ଧିକଗଣ ବିଶ୍ୱାସ କରନ୍ତି ଯେ ,ଏହି ମାର୍କସୀୟ ଦର୍ଶନର ବ୍ୟାଖ୍ୟାନୁସାରେ ସମାଜରେ ଦୁଇ ବୈପରୀତ୍ୟ ମାନଙ୍କ ସଂଘର୍ଷ, ପୂର୍ବଠାରୁ ଆହୁରି ଉନ୍ନତ ଓ ବିକଶିତ ମୂଲ୍ୟବୋଧକୁ ଜନ୍ମଦିଏ । ସମାଜ ବିକାଶର ଧାରା ସହିତ ସମତାଳ ଭାବରେ ଗତିଶୀଳ ହୋଇଥିବା ଯୋଗୁଁ ବିଶ୍ୱର ପ୍ରତ୍ୟେକ ଉନ୍ନତ ସହିତ୍ୟର ଲକ୍ଷଣ ହେଲା ଆଗକୁ ମାଡ଼ି ଚାଲିବା। କାରଣ ଅଗ୍ରଗତିର ଅର୍ଥ ଜୀବନ ଓ ପଶ୍ଚାତ ଗତିର ଅର୍ଥ ମୃତ୍ୟୁ। ପ୍ରଗତି ସାହିତ୍ୟର ଭୂମିକା ସଂପର୍କରେ ପ୍ରାବନ୍ଧିକ କୃଷ୍ଣଚରଣ ବେହେରା କହନ୍ତି -" ପ୍ରଗତି ସାହିତ୍ୟ ଉନ୍ନତ ଓ ଅଗ୍ରଗାମୀର ସାହିତ୍ୟ । ଜୀବନ ମୁଖିନତା ସମାଜ ସଚେତନତା ଓ ରାଷ୍ଟ୍ରୀୟ ଚେତନା ଏହାର ପ୍ରଧାନ ଉପଜୀବ୍ୟ। ଏଥିରେ ଦ୍ୱନ୍ଦ୍ୱ ଓ ସଂଘର୍ଷ ହେଉଛି ଅବଶ୍ୟମ୍ଭାବୀ। ତେଣୁ ଏହା ବାସ୍ତବଧର୍ମୀ।ଏହା ବର୍ତ୍ତମାନ ଜୀବନର ସାମର୍ଥ୍ୟ ଓ ସମ୍ଭାବନା ଉପରେ ଦୃଢ଼ ବିଶ୍ୱାସ ଏବଂ ଉଜ୍ଜଳ ଭବିଷ୍ୟତର ବିଚାରସିଦ୍ଧ ବୈଜ୍ଞାନିକ କଳ୍ପନା ଘୋଷଣା କରୁଥିବାରୁ ଏହାର ବାସ୍ତବତା ସାମ୍ୟବାଦୀ ବାସ୍ତବତା।ତେଣୁ ପ୍ରତ୍ୟେକ ଦେଶ ପାଇଁ ଏହାର ଐତିହାସିକ ଆବଶ୍ୟକତା ରହିଛି।"( ପ୍ରଗତି ସାହିତ୍ୟ ୧୯୫୯)

ଏହିଭଳି ମହାନ୍ ମତବାଦ ପ୍ରତି ମଧ ବିରୋଧାଭାସ ଦେଖା ଦେଇଥିଲା।ମାର୍କ୍ସବାଦର ସଂଶୋଧନବାଦୀମାନେ ଏହି ଶ୍ରେଷ୍ଠ ମତବାଦକୁ କଠୋର ଭାବରେ ସମାଲୋଚନା କରିଛନ୍ତି। ଏମାନେ ମାର୍କସୀୟ ସାହିତ୍ୟକୁ 'ପ୍ରୋପାଗନିଷ୍ଟ ଲିଟେରେଚର' ବୋଲି କହିଥାନ୍ତି।ଏହି ମାର୍କ୍ସବାଦର ସଂଶୋଧନବାଦୀମାନଙ୍କୁ ପ୍ରାବନ୍ଧିକ ଜଳନ୍ଧର ନନ୍ଦ ବ୍ୟଙ୍ଗ ଛଳରେ କହନ୍ତି -" ଯେଉଁ ସଂଶୋଧନବାଦୀ ଓ ନବ୍ୟ ସଂଶୋଧନବାଦୀମାନେ ବର୍ତ୍ତମାନ ଯୁଗରେ ସାମ୍ରାଜ୍ୟବାଦୀ ଓ ପୁଞ୍ଜିପତିମାନଙ୍କ ସହିତ ହାତମିଳାଇ ଭୋଦକା ବା ଚା ପାନରେ ବ୍ୟସ୍ତ ରହି ମୁହଁରେ କେବଳ ଶୋଷକ ଦଳ ଉପରେ ଗାଳିଗୁଲଜ ବର୍ଷଣ କରନ୍ତି। ସେମାନେ ସନାତନ ମର୍କଟ ପରି କୋଠାଘରର ଉପର ମହଲାକୁ ଉଠି, ଝରକା ବାଟଦେଇ କେବଳ ଚାମଚ ଚାମଚ ତାତିଲା ତେଲ ଶୋଷକ ଶ୍ରେଣୀ ଉପରକୁ ଫୋପଡ଼ିଲା ପରି କାମ କରନ୍ତି । ଏହାଦ୍ୱାରା ଶୋଷକ ଶ୍ରେଣୀ ମରେ ନାହିଁ ବା ସମାଜ ଶ୍ରେଣୀ ମୁକ୍ତହୁଏ ନାହିଁ ।"( ଦ୍ୱନ୍ଦ୍ୱ - ୧୯୭୧) ଆହୁରି କେତେକ ମୂଲ୍ୟବାନ ପ୍ରବନ୍ଧ ପୁସ୍ତକ ଅଛି ଯେଉଁଥିରେ ମାର୍କ୍ସୀୟ ଚେତନାର ଗଭୀର ଓ ସୂକ୍ଷ୍ମ ଦିଗ ଗୁଡ଼ିକ ବିସ୍ତୃତ ଭାବରେ ପ୍ରକାଶ ପାଇଛି। ସେହି ପୁସ୍ତକ ଗୁଡ଼ିକ ହେଲା - 'ପୁଞ୍ଜିବାଦ' ରାମକୃଷ୍ଣ ପତି -୧୯୪୭, 'ଶୋଷଣମୁକ୍ତ ରାମରାଜ୍ୟ' ବିରଜା କିଙ୍କର ଦାସ -୧୯୭୭, 'ମେ ଦିବସ ଆହ୍ୱାନ' ତାପସ ଦତ୍ତ


© 2026 ଡକ୍ଟର ଶ୍ରୀକାନ୍ତ କୁମାର ବାରିକ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

-୧୯୮୨, 'ପୁଞ୍ଜିବାଦ, ସାମ୍ୟବାଦ ଓ ଗାନ୍ଧୀବାଦ' ବୈଦନାଥ ମିଶ୍ର -୧୯୭୯, ମାର୍କ୍ସବାଦ ଓ ଉତ୍ତର ଆଧୁନିକତା' କୁଳମଣି ଜେନା -୨୦୧୮, 'ଲୌହ ପରଦା ଖୋଲିଗଲା' ସୁରେନ୍ଦ୍ରନାଥ ଦ୍ୱିବେଦୀ -୧୯୯୨।

ଏହିଭଳି ଭାବରେ ସାମ୍ପ୍ରତିକ ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ମାର୍କ୍ସବାଦର ପ୍ରତିଫଳନ ବେଶ୍ ସ୍ପଷ୍ଟ ଭାବରେ ବାରି ହୋଇପଡ଼େ। ଜୀବନ ମାତ୍ରେ ହିଁ ପରିବର୍ତ୍ତନଶୀଳ । ଏହା ହିଁ ପ୍ରଥମ କଥା ଯାହାକୁ ମାର୍କ୍ସବାଦ ଗ୍ରହଣ କରେ । କୌଣସି ଆଦର୍ଶବାଦ ସହିତ ଜୀବନର ସଂପର୍କ ନାହିଁ। ମଣିଷ ତାକୁ ତିଆରି କରିଛି ତାର ବଞ୍ଚିବାର ସୁବିଧା ଲାଗି । ଆଦର୍ଶ ମଣିଷକୁ ବଞ୍ଚିବାରେ ଯଦି ସାହାଯ୍ୟ ନ କରେ , ଯଦି ପ୍ରତିବନ୍ଧକ ସୃଷ୍ଟି କରେ , ତେବେ ସେହି ଆଦର୍ଶକୁ ଭାଙ୍ଗି ଦେବା ଉଚିତ୍। ସାମ୍ପ୍ରତିକ ଓଡ଼ିଆ ପ୍ରାବନ୍ଧିକ ଗଣ ସ୍ୱାଧୀନତା ସଂଗ୍ରାମ ଓ ଜାତୀୟ ଆନ୍ଦୋଳନ ଦ୍ୱାରା ଯେଉଁ ସ୍ୱାଧୀନତା ପ୍ରାପ୍ତି ରାମରାଜ୍ୟର ପରିକଳ୍ପନା କରିଥିଲେ, ତାହା କେବଳ ପୁଞ୍ଜିପତି ଓ ରକ୍ଷିତ ସ୍ୱାର୍ଥମାନଙ୍କର ସ୍ୱରାଜରେ ପରିଣତ ହୋଇଗଲା। ସେଥିରେ ଦଳିତ ଜନସାଧାରଣଙ୍କର କିଛି ଉପକାର ହେଲା ନାହିଁ। ଏହିଭଳି ଏକ ବିବର୍ତ୍ତିତ ଜୀବନଧାରାରେ ପ୍ରଭାବିତ ହୋଇ ସାମ୍ପ୍ରତିକ ଓଡ଼ିଆ ପ୍ରାବନ୍ଧିକଗଣ ମାର୍କ୍ସବାଦୀ ଚିନ୍ତାଧାରାର ଗୁରୁତ୍ୱ ଓ ଆବଶ୍ୟକତାକୁ ଉପଲବ୍ଧି କରିଥିଲେ। ସାମ୍ପ୍ରିତିକ ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ମାର୍କସୀୟ ଚେତନାକୁ ଅନୁଶୀଳନ କଲେ ଜଣାପଡ଼େ, ଏହା ଆମର ପ୍ରାବନ୍ଧିକଙ୍କର ଚିନ୍ତା ଚେତନା ଓ ମାନସିକ ପ୍ରକ୍ରିୟା ସହ ଗଭୀର ଭାବରେ ସଂଶ୍ଳିଷ୍ଟ ହୋଇଯାଇଛି। ମାର୍କ୍ସବାଦଦ୍ୱାରା ଆମ ପ୍ରବନ୍ଧ ସାହିତ୍ୟର ଗତିପଥ ସହ ପ୍ରାବନ୍ଧିକଗଣଙ୍କର ଜୀବନ ଦୃଷ୍ଟି ଗଭୀର ଭାବରେ ପ୍ରଭାବିତ ହୋଇଛି।

## ସହାୟକ ଗ୍ରନ୍ଥସୂଚୀ


1. ଶତପଥୀ ବିଜୟ କୁମାର। *ଓଡ଼ିଆ ସାହିତ୍ୟରେ ପ୍ରଗତିବାଦୀ ଧାରା*। ୧ମ ପ୍ରକାଶ। କଟକ: ଓଡ଼ିଶା ବୁକ୍ ଷ୍ଟୋର; ୧୯୯୫।
2. ଜେନା କୁଳମଣି। *ମାର୍କ୍ସବାଦ ଓ ଉତ୍ତର ଆଧୁନିକବାଦ*। ୧ମ ସଂସ୍କରଣ। ଭୁବନେଶ୍ୱର: ଲେଖାଲେଖି ପ୍ରକାଶନ; ୨୦୧୮।
3. କବି ଅସିତ। *ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଇତିହାସ*। ପ୍ରଥମ ସଂସ୍କରଣ। କଟକ: ଗ୍ରନ୍ଥମନ୍ଦିର; ୧୯୭୮।
4. କର ବାଉରୀବନ୍ଧୁ। *ଓଡ଼ିଆ ପ୍ରବନ୍ଧ ସାହିତ୍ୟ*। ପରିବର୍ଦ୍ଧିତ ସଂସ୍କରଣ। ଭୁବନେଶ୍ୱର: ମହାବୀର ପ୍ରକାଶନ; ୨୦୧୩।
5. ଦାସ ବିରଜା କିଙ୍କର। *ଶୋଷଣମୁକ୍ତ ରାମରାଜ୍ୟ*। ୧ମ ପ୍ରକାଶ। କଟକ: କିଶୋର ପ୍ରକାଶନୀ; ୧୯୫୧।
6. ଦ୍ୱିବେଦୀ ସୁରେନ୍ଦ୍ରନାଥ। *ଲୌହ ପରଦା ଖୋଲିଗଲା*। ୧ମ ସଂସ୍କରଣ। ରାଉରକେଲା: ସୁରେନ୍ଦ୍ରନାଥ ଦ୍ୱିବେଦୀ ଫାଉଣ୍ଡେସନ; ୧୯୯୨।



**Creative Commons (CC) License**

This article is an open-access article distributed under the terms and conditions of the Creative Commons Attribution–Non-Commercial–No Derivatives 4.0 International (CC BY-NC-ND 4.0) license. This license permits sharing and redistribution of the article in any medium or format for non-commercial purposes only, provided that appropriate credit is given to the original author(s) and source. No modifications, adaptations, or derivative works are permitted under this license.


**About the Corresponding Author**




**ଡକ୍ଟର ଶ୍ରୀକାନ୍ତ କୁମାର ବାରିକ-** ସରକାରୀ ଡିଗ୍ରୀ ମହାବିଦ୍ୟାଳୟ ବଲାଙ୍ଗୀର ରେ ଓଡ଼ିଆ ବିଭାଗ ସହକାରୀ ପ୍ରାଧ୍ୟାପକ ଭାବରେ କାର୍ଯ୍ୟରତ। ଜଣେ ନିଷ୍ଠାପର ଶିକ୍ଷାବିତ୍ ଏବଂ ଗବେଷକ ଭାବେ ସେ ବେଶ୍ ପରିଚିତ। ଶିକ୍ଷାଦାନ ସହିତ ସାହିତ୍ୟିକ ଗବେଷଣା, ପାଶ୍ଚାତ୍ୟ ସାହିତ୍ୟ ତତ୍ତ୍ୱ, ତୁଳନାତ୍ମକ ସମାଲୋଚନା ଏବଂ ମାର୍କ୍ସୀୟ ଦର୍ଶନ ଅଧ୍ୟୟନ କ୍ଷେତ୍ରରେ ତାଙ୍କର ବିଶେଷ ପ୍ରଜ୍ଞା ରହିଛି। ତାଙ୍କର ଏହି ପ୍ରବନ୍ଧ ପାଠକ ଓ ଗବେଷକ ମାନଙ୍କୁ ଏକ ନୂତନ ଦିଗ୍‌ଦର୍ଶନ ଦେବ ବୋଲି ଆମର ଦୃଢ଼ ବିଶ୍ୱାସ।




© 2026 ଡକ୍ଟର ଶ୍ରୀକାନ୍ତ କୁମାର ବାରିକ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/